ଓଡ଼ିଶା
ସାଧାରଣ ପ୍ରଶାସନ

ନଂ. 41841 /ସା.ପ୍ର.ବି. ତାରିଖ 16 ଡିସେମ୍ବର 1994.

ଓ ଆଣ୍ଡ ଏମ୍.-1-4/97.

ପ୍ରେରକ : ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ, ଆଇ.ଏ.ଏସ୍.,
ସ୍ୱତନ୍ତ୍ର ଶାସନ ସଚିବ,

ପ୍ରାପ୍ତେଷୁ: ସମସ୍ତ ବିଭାଗୀୟ ପ୍ରମୁଖ ଶାସନ ସଚିବ / ସମସ୍ତ ଶାସନ ସଚିବ / ସମସ୍ତ ବିଭାଗୀୟ ମୁଖ୍ୟ / ସମସ୍ତ ରାଜସ୍ୱ କମିଶନର / ସମସ୍ତ ଜିଲ୍ଲାପାଳ ।

ବିଷୟ: ସରକାରୀ କର୍ମଚାରୀଙ୍କ ବଦଳିନୀତି ।

ମହାଶୟ,

ମୁଁ ନିର୍ଦ୍ଦେଶକ୍ରମେ ଜଣାଉଅଛି ଯେ, ସରକାରୀ କର୍ମଚାରୀମାନଙ୍କ ବଦଳିନୀତି ଏହି ବିଭାଗ ପତ୍ର ସଂଖ୍ୟା ନଂ.10171/ସା:ପ୍ର. ତାରିଖ 20.5.35, ନଂ.16275 ତା.17.7.35, ନଂ.25052 ତା.3.9.94 ଓ ପତ୍ର ସଂଖ୍ୟା.27559 ତା.21.9.94 ରେ ପ୍ରଣୀତ କରାଯାଇଥିଲା । ଏହି ନୀତି ସହିତ ସରକାରଙ୍କର ଗୋଟିଏ ବିଭାଗର ଅନ୍ୟ ବିଭାଗକୁ କର୍ମାନ୍ତରପ୍ରେରଣରେ ପଠାଯାଉଥିବା ଅଧିକାରୀମାନଙ୍କର ବଦଳି ସଂଶ୍ଳିଷ୍ଟ ଥିବାରୁ ସେଥିନିମନ୍ତେ ସରକାର ନିମ୍ନ ଲିଖିତ ଅତିରିକ୍ତ ନୀତି ନିର୍ଦ୍ଧାରଣ କରିଛନ୍ତି ।

କୌଣସି ଅଫିସରଙ୍କ ସେବା କର୍ମାନ୍ତରପ୍ରେରଣରେ ପରେ ଅନ୍ୟ ବିଭାଗ ଅଧୀନରେ ଅର୍ପିତ ହେବା ପରେ 3 ବର୍ଷ ମଧ୍ୟରେ ଅର୍ପଣ କରିଥିବା ବିଭାଗ ତାଙ୍କରି ସେବା ଫେରାଇନେଇ ପାରିବେ ନାହିଁ । ଯଦି ଫେରାଇ ନେବା ନିତାନ୍ତ ଆବଶ୍ୟକ ପଡେ ତେବେ ସଂପୃକ୍ତ ବିଭାଗର ସହମତି ପରେ ହିଁ ତାହା କରି ପାରିବେ ।

ସେବା ଅର୍ପଣ କରିବା ସମୟରେ ସଂପୃକ୍ତ ଅଫିସରଙ୍କ ଚାକିରି ସମ୍ବନ୍ଧୀୟ ତଥ୍ୟ ସଂପୃକ୍ତ ବିଭାଗକୁ ଯୋଗାଇ ଦିଆଯିବ ଯାହା ଫଳରେ କି ସାଧାରଣ ପ୍ରଶାସନ ବିଭାଗର ବଦଳି ନିର୍ଦ୍ଦେଶନାମା ଅନୁଯାୟୀ ତାଙ୍କୁ ମୂଲ୍ୟାୟନ କରାଯାଇ ପାରିବ ।

କୌଣସି ଅଫିସରଙ୍କ ସେବା ଅର୍ପଣ ସମୟରେ ଅର୍ପଣ କରିଥିବା ବିଭାଗ ତାଙ୍କୁ କେଉଁ ସ୍ଥାନରେ ଅବସ୍ଥାପିତ କରିବେ ତାହା ଉଲ୍ଲେଖ କରିବେ ନାହିଁ । ସଂପୃକ୍ତ ବିଭାଗ ପ୍ରଶାସନିକ କାରଣ ଏବଂ ଅନ୍ୟାନ୍ୟ କାରଣକୁ ବିଚାରକୁ ନେଇ ସେ କେଉଁ ଠାରେ ଅବସ୍ଥାପିତ ହେବେ ତାହା ବିଚାର କରି ନିଷ୍ପତ୍ତି ନେବେ ।

ତିନିବର୍ଷ ପୂରଣ ପରେ ଯଦି କୌଣସି ଅଫିସରଙ୍କ ସେବା ପ୍ରତ୍ୟାହୃତ କରିବା ଆବଶ୍ୟକ ପଡେ ତାହେଲେ କେବଳ ଅପ୍ରେଲ 15 ଠାରୁ ଜୁନ 15 ତାରିଖ ମଧ୍ୟରେ ହିଁ ପ୍ରତ୍ୟାହୃତ କରିବେ । ଅପ୍ରେଲ 15 ଠାରୁ ଜୁନ 15 ମଧ୍ୟରେ ଉକ୍ତ ସଂପୃକ୍ତ ସେହି ସମୟ ମଧ୍ୟରେ ଏକା ଥରକେ ଆବଶ୍ୟକ ସଂଖ୍ୟକ ସରକାରୀ କର୍ମଚାରୀଙ୍କ ସେବା ଅର୍ପଣ କରିବେ । ଅନ୍ୟ ସମୟରେ କେବଳ ପଦୋନ୍ନତି, ଅବସର ଗ୍ରହଣ କିମ୍ବା ନିଲମ୍ବିତ ଜନିତ ଶୂନ୍ୟସ୍ଥାନ ପୂରଣ କରିବା ବ୍ୟତିତ ଅନ୍ୟ କୌଣସି କାରଣ ନିମିତ୍ତ ସେବା ପ୍ରତ୍ୟାହାର କିମ୍ବା ମୂଲ୍ୟାୟନ କରାଯାଇ ପାରିବ ନାହିଁ

ଯେଉଁ ବିଭାଗରେ ଅଧିକାରୀମାନଙ୍କର ସେବା ଅର୍ପିତ ହୋଇଥିବ ସେଠାରେ ସେମାନଙ୍କର ବଦଳି ଏହି ବିଭାଗ ଦ୍ୱାରା ନିର୍ଦ୍ଧାରିତ ସାଧାରଣ ବଦଳି ନୀତି ଅନୁସାରେ ହିଁ ନିୟନ୍ତ୍ରିତ ହେବ ।

ଆପଣଙ୍କର ବିଶ୍ୱସ୍ତ,

ସ୍ୱତନ୍ତ୍ର ଶାସନ ସଚିବ ।